# NATIONAL NEWS BULLETIN (ODIA)
## 20 May - 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଇଟାଲୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- କର୍ପୋରେଟ୍ ଆଇନ୍ ସଂଶୋଧନ ବିଲ୍ ୨୦୨୬ ଉପରେ ଅଧିକ ତର୍ଜମା ପାଇଁ ସଂସଦୀୟ ମିଳିତ କମିଟି ଗଠନ କଲେ ଲୋକସଭା ବାଚସ୍ପତି ।
- ଜେନେଭାରେ ଆୟୋଜିତ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ।
- ଆସନ୍ତା ୨୩ ତାରିଖରୁ ଭାରତକୁ ୪ ଦିନିଆ ଗସ୍ତରେ ଆସିବେ ଆମେରିକାର ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍ର ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ୭ ଓ୍ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ୍ ରୟାଲ୍ସ ।

# ପିଏମ୍-ନରୱେ

ପଞ୍ଚରାଷ୍ଟ୍ରୀୟ ଗସ୍ତର ପଞ୍ଚମ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀରେ ପହଞ୍ଚିଛନ୍ତି । ସଂଯୁକ୍ତ ଆରବ ଏମିରେଟ୍ସ, ନେଦରଲ୍ୟାଣ୍ଡସ୍, ସ୍ୱିଡେନ୍ ଏବଂ ନରୱେ ଗସ୍ତ ଶେଷ କରି ଶ୍ରୀ ମୋଦୀ ଇଟାଲୀରେ ପହଞ୍ଚିଛନ୍ତି । ନରୱେକୁ ଦୁଇ ଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିପକ୍ଷ ଜୋନାସ୍ ଗହର ଷ୍ଟୋର୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିଥିଲେ । ତୃତୀୟ ଭାରତ ନୋର୍ଡିକ୍ ସମ୍ମିଳନୀରେ ମଧ୍ୟ ଶ୍ରୀ ମୋଦୀ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀ ପରେ ଏକ ମିଳିତ ବିବୃତ୍ତିରେ ଭାରତ ଏବଂ ନୋର୍ଡିକ୍ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ନେଇ ମତବ୍ୟକ୍ତ କରାଯାଇଛି । ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ରଣନୈତିକ ସହଭାଗିତାକୁ ଅଧିକ ଉନ୍ନତ କରିବାକୁ ଭାରତ ଏବଂ ନୋର୍ଡିକ୍ ସଦସ୍ୟ ରାଷ୍ଟ୍ର ଏକମତ ହୋଇଛନ୍ତି ।

ସ୍ଥାୟୀତ୍ୱ, ନବସୃଜନ ଏବଂ ସବୁଜ ଅଭିବୃଦ୍ଧି ପ୍ରତି ଉଭୟ ପକ୍ଷର ସହଭାଗିତା ଉପରେ ଅଙ୍ଗୀକାରବଦ୍ଧତା ପ୍ରକାଶ ପାଇଛି । ଭାରତରେ ସବୁଜ ପରିବର୍ତ୍ତନ, ନୀଳ ଅର୍ଥନୀତି, ଜାହାଜ ନିର୍ମାଣ, ସ୍ୱାସ୍ଥ୍ୟ ଓ ପ୍ରତିରକ୍ଷା ଭଳି କ୍ଷେତ୍ରରେ ନୋର୍ଡିକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନିବେଶକଙ୍କୁ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ

ରାଜିନାମା ଏବଂ ବାଣିଜ୍ୟ ଓ ଅର୍ଥନୈତିକ ସହଭାଗିତା ଚୁକ୍ତିକୁ ଦୃଷ୍ଟିରେ ରଖି ନୋର୍ଡିକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦୃଢ଼ ଆର୍ଥିକ ଏବଂ ବାଣିଜ୍ୟିକ ସମ୍ପର୍କ ପାଇଁ ଭାରତ ଆଗ୍ରହ ପ୍ରକାଶ କରିଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନୋର୍ଡିକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦୃଢ଼ ନିନ୍ଦା କରିଥିଲେ । ପରବର୍ତ୍ତୀ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଫିନ୍‌ଲାଣ୍ଡର ହେଲ୍‌ସିଙ୍କି ଠାରେ ଅନୁଷ୍ଠିତ ହେବ ।

## ଲୋକସଭା କମିଟି

କର୍ପୋରେଟ୍ ଆଇନ୍ ସଂଶୋଧନ ବିଲ୍ ୨୦୨୬ ଉପରେ ଅଧିକ ତର୍ଜମା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦୀୟ ମିଳିତ କମିଟି ଗଠନ କରିଛନ୍ତି । ଏଥିରେ ଲୋକସଭାର ୨୧ ଜଣ ଏବଂ ରାଜ୍ୟସଭାର ୯ ଜଣ ସଦସ୍ୟ ରହିଛନ୍ତି । ଲୋକସଭାର ସଦସ୍ୟଙ୍କ ମଧ୍ୟରେ କମଲଜିତ ସେହରାୱତ୍, ବୈଜୟନ୍ତ ପଣ୍ଡା ଏବଂ ଡକ୍ଟର ନିଶିକାନ୍ତ ଦୁବେ ଏବଂ ରାଜ୍ୟସଭାରୁ ବିନୋଦ ଶ୍ରୀଧର ତାୱ୍ଡେ, ସୁଜିତ କୁମାର ଏବଂ ଉଜ୍ଜ୍ୱଳ ଦେଓରାଓ ନିକମ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

# ନଡ୍ଡା

ଜେନେଭାରେ ଆୟୋଜିତ ୭୯ତମ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତପ୍ରକାଶ ନଡ୍ଡା ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ସ୍ୱାସ୍ଥ୍ୟ ନବସୃଜନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଭାରତର ଅଙ୍ଗୀକାରବଦ୍ଧତା ଉପରେ ଶ୍ରୀ ନଡ୍ଡା ସୂଚନା ପ୍ରଦାନ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟକୁ  ବିକଶିତ କରିବା ଏବଂ ଉତ୍ତର ଦାୟିତ୍ୱ ଶୀର୍ଷକ ସମାବେଶକୁ ସମ୍ବୋଧନ କରି ଶ୍ରୀ ନଡ୍ଡା ପୂର୍ଣ୍ଣ ସରକାର ଏବଂ ସମ୍ପୂର୍ଣ୍ଣ ସମାଜ ଆଭିମୁଖ୍ୟ ଆଧାରରେ ଗ୍ରହଣ କରାଯାଇଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି ।

ଭାରତରେ ୧ ଲକ୍ଷ ୮୫ ହଜାରରୁ ଅଧିକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଥିବା ସେ ସୂଚନା ଦେଇଛନ୍ତି । ଏହାଦ୍ୱାରା ସମ୍ପ୍ରଦାୟ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ ତ୍ୱରାନ୍ୱିତ ହୋଇପାରୁଛି । ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ ଅଧୀନରେ ୮୮୦ ନିୟୁତରୁ ଅଧିକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚୟ ସୃଷ୍ଟି ମାଧ୍ୟମରେ ଜାତୀୟ ସ୍ୱାସ୍ଥ୍ୟ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରାଯାଇପାରିଛି ।  ଦୀର୍ଘକାଳୀନ ସ୍ୱାସ୍ଥ୍ୟ ରେକର୍ଡ଼ ଏବଂ ନିରନ୍ତର ସେବା ପ୍ରଦାନକୁ ଏହା ଅଧିକ ସୁଗମ କରିପାରିଛି ।

ସମ୍ମିଳନୀ ଅବସରରେ ଶ୍ରୀ ନଡ୍ଡା ଭାରତର ପଡ଼ୋଶୀ ପ୍ରଥମ ନୀତି ଆଧାରରେ ଭୁଟାନ୍ ପ୍ରତିପକ୍ଷ ଲିଓନ୍‌ପୋ ତାଣ୍ଡିନ୍ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ସହ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଶ୍ରୀ ନଡ୍ଡା ନେପାଳର ସ୍ୱାସ୍ଥ୍ୟ ମନ୍ତ୍ରୀ ନିଶା ମେହେଟାଙ୍କ ସହ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି ।

# ଡବ୍ଲ୍ୟୁବି-ଅନ୍ନପୂର୍ଣ୍ଣା ଯୋଜନା

ମହିଳାଙ୍କର ସାମାଜିକ ଏବଂ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ସରକାର ଅନ୍ନପୂର୍ଣ୍ଣା ଯୋଜନା ପ୍ରଚଳନ କରିଛନ୍ତି । ଯୋଜନା ଅଧୀନରେ ମହିଳାଙ୍କୁ ମାସିକ ୩ ହଜାର ଟଙ୍କାର ଆର୍ଥିକ ସହାୟତା ନିଶ୍ଚିତ ହୋଇପାରିବ । ମହିଳା ଓ ଶିଶୁ ବିକାଶ ଏବଂ ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆସନ୍ତା ମାସ ପହିଲାରୁ ଏହି ଯୋଜନା କାର୍ଯ୍ୟକାରୀ ହେବ । ଯୋଜନା ଅଧୀନରେ ଆର୍ଥିକ ସହାୟତା ସିଧାସଳଖ ହସ୍ତାନ୍ତର ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ୍ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ । ୨୫ରୁ ୬୦ ବର୍ଷ ମଧ୍ୟରେ ମହିଳା ଏହି ଯୋଜନା ପାଇଁ ଯୋଗ୍ୟ ହେବେ । ଏଥିସହ ହିତାଧିକାରୀ ଯୋଗ୍ୟତା ନେଇ ଅନ୍ୟାନ୍ୟ ସୂଚନା ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି ।

ତେବେ ନାଗରିକତା ସଂଶୋଧନ୍ ଆଇନ୍ ଅନୁଯାୟୀ ଏସ୍.ଆଇ.ଆର୍. ଟ୍ରିବ୍ୟୁନାଲ୍‌ରେ ଆବେଦନ କରିଥିବା ହିତାଧିକାରୀଙ୍କୁ ମାମଲାର ଶୁଣାଣି ପରେ ଏଥିପାଇଁ ବିଚାରକୁ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାମାସ ପହିଲାରୁ ଏହି ଯୋଜନା ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ।

## ରୁବିଓ ଇଣ୍ଡିଆ ଭିଜିଟ୍

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଆସନ୍ତା ୨୩ ତାରିଖରୁ ୪ ଦିନିଆ ଭାରତ ଗସ୍ତରେ ଆସିବେ । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ । ଆମେରିକାର ବୈଦେଶିକ ବିଭାଗ ଏ ସମ୍ପର୍କରେ ଦେଇଥିବା ସୂଚନା ଅନୁଯାୟୀ ଏହି ଗସ୍ତ ଅବସରରେ ଶ୍ରୀ ରୁବିଓ କୋଲକାତା, ଆଗ୍ରା, ଜୟପୁର ଏବଂ ନୂଆଦିଲ୍ଲୀ ଗସ୍ତ କରିବେ । ବିଭାଗର ମୁଖପାତ୍ର ଟମି ପିଗଟ୍ କହିଛନ୍ତି, ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀ ରୁବିଓ ଭାରତ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶକ୍ତି, ସୁରକ୍ଷା, ବାଣିଜ୍ୟ ଓ ପ୍ରତିରକ୍ଷା ସହଯୋଗ ନେଇ ଭାରତୀୟ ନେତା ତଥା ବରିଷ୍ଠ ପଦାଧିକାରୀଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ୨୬ ତାରିଖରେ ଶ୍ରୀ ରୁବିଓ କ୍ୱାଡ୍ ବୈଠକରେ ଯୋଗଦେବେ । କ୍ୱାଡ୍

ଗୋଷ୍ଠୀରେ ଭାରତକୁ ମିଶାଇ ଅଷ୍ଟ୍ରେଲିଆ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଆଦି ସଦସ୍ୟ ଅଛନ୍ତି ।

## ରେଲୱେ ଇଲେକ୍ଟ୍ରିଫିକେସନ୍

ରେଳବାଇର ବ୍ରଡ୍‌ଗେଜ୍ ରେଳପଥ ବିଦ୍ୟୁତୀକରଣ କ୍ଷେତ୍ରରେ ୯୯ ଦଶମିକ୍ ୬ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏ କ୍ଷେତ୍ରରେ ଭାରତୀୟ ରେଳବାଇ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗତବର୍ଷ ମାର୍ଚ୍ଚ ସୁଦ୍ଧା ୬୯ ହଜାର ୮୭୩ କିଲୋମିଟର ବ୍ରଡ୍‌ଗେଜ୍ ରେଳପଥର ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିଲା । ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ରେଳ ଯୋଗାଯୋଗ ବ୍ୟବସ୍ଥା ୟୁରୋପୀୟ ସଂଘ, ବ୍ରିଟେନ୍ ଏବଂ ଆମେରିକାଠାରୁ ଭାରତ ଏ କ୍ଷେତ୍ରରେ ଅଧିକ ସଫଳତା ହାସଲ କରିଥିବା ରେଳ ମନ୍ତ୍ରଣାଳୟ କହିଛି ।

## ସିବିଏସ୍‌ଇ-ଏକ୍ସଟେଣ୍ଡ ଡେଟ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ୍ ପରୀକ୍ଷା ୨୦୨୬ ପାଇଁ ମୂଲ୍ୟାଙ୍କିତ ଉତ୍ତର ଖାତାର ସ୍କାନ୍ କପି ପାଇଁ ଆବେଦନ କରିବାର ସମୟସୀମା ବୃଦ୍ଧି କରାଯାଇଛି । ପରିଷଦ

ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରାଯାଇପାରିବ । ପରିଷଦର ୱେବ୍‌ସାଇଟ୍‌ରେ ସୃଷ୍ଟ ସମସ୍ୟା ଏବଂ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସି.ବି.ଏସ୍.ସି. କହିଛି । ସଂଶୋଧିତ ସମୟସୀମା ମଧ୍ୟରେ ଆବେଦନ ପ୍ରକ୍ରିୟା ଶେଷ କରିବାକୁ ସି.ବି.ଏସ୍.ସି. ପରାମର୍ଶ ଦେଇଛି ।

# ଡବ୍ଲ୍ୟୁବି-ଓବିସି

କଲିକତା ହାଇକୋର୍ଟ୍‌ଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ସରକାର ସରକାରୀ ଚାକିରିରେ ସଂରକ୍ଷଣ ପାଇଁ ଅନ୍ୟାନ୍ୟ ପଛୁଆବର୍ଗ – ଓ.ବି.ସି. ତାଲିକା ପ୍ରକାଶ କରିଛନ୍ତି । ଏଥିରେ ୬୬ ବର୍ଗର ପଛୁଆବର୍ଗ ସାମିଲ ହୋଇଛନ୍ତି । ପୂର୍ବରୁ ଓ.ବି.ସି. 'କ' ଏବଂ ଓ.ବି.ସି. 'ଖ' ଏପରି ଦୁଇଟି ଅଲଗା ବର୍ଗରେ ୧୦ ପ୍ରତିଶତ ଏବଂ ୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ଏହାକୁ କୋଲକାତା ହାଇକୋର୍ଟ୍ ଖାରଜ କରିଦେଇଥିଲେ । ରାଜ୍ୟ ସରକାରଙ୍କ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଜାରି ଅଧିସୂଚନା ଅନୁଯାୟୀ ନୂତନ ତାଲିକାରେ ୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସ୍ଥିରିକୃତ ହୋଇଛି । ସମ୍ବିଧାନ ଧାରା ୧୬ ଉପଧାରା ୪

ଅନୁଯାୟୀ ୨୦୧୦ ପୂର୍ବରୁ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ଥିବା ୬୬ଟି ବର୍ଗ ଓ.ବି.ସି. ତାଲିକା ବଳବତ୍ତର ରହିଛି ।

# ଡିଜିସିଏ

ଡିଜିସିଏ ଅଧିକାରୀଙ୍କ ଉପସ୍ଥିତିରେ ପ୍ରକୃତ ଉପକରଣ ନିର୍ମାଣ ବ୍ୟବସ୍ଥା ଅଧୀନରେ ଏୟାର୍ ଇଣ୍ଡିଆ ବୋଇଂ ୭୮୭-୮ ବିମାନର ଇନ୍ଧନ ନିୟନ୍ତ୍ରଣ ପ୍ରକ୍ରିୟା ଯାଞ୍ଚ୍ କରାଯିବ । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଛି । ଡିଜିସିଏ କହିଛି, ଗତ ଫେବୃୟାରୀ ୨ ତାରିଖରେ ଏୟାର୍ ଇଣ୍ଡିଆ ବୋଇଂ ୭୮୭-୮ ବିମାନ ହିଥ୍ରୋ ବିମାନ ବନ୍ଦରରୁ ବେଙ୍ଗାଲୁରୁ ଅଭିମୁଖେ ଏ.ଆଇ.ସି.-୧୩୨ ଉଡ଼ାଣ ଆରମ୍ଭ ସମୟରେ ତ୍ରୁଟି ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା । ବିମାନର ପାଇଲଟ ତାଙ୍କ ରିପୋର୍ଟ୍ ବାମପାଖ ଇନ୍ଧନ ନିୟନ୍ତ୍ରଣ ସୁଇଚ୍‌ରେ ତ୍ରୁଟି ରହିଥିବା ନେଇ ସୂଚନା ପ୍ରଦାନ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଡିଜିସିଏ ପକ୍ଷରୁ ଏହି ଯାଞ୍ଚ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୭ ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ପରାସ୍ତ କରିଛି । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ୫ ୱିକେଟ୍ ବିନିମୟରେ ୨୨୦ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମିଚେଲ୍ ମାର୍ସ୍ ୫୭ଟି ବଲ୍‌ରୁ ସର୍ବାଧିକ ୯୬ରନ୍ ଏବଂ ଜୋସ୍ ଇଂଲିସ୍ ୬୦ରନ୍ ସ୍କୋର କରିଥିଲେ ।

ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ରୟାଲ୍ସ ୧୯ ଓଭର ଗୋଟିଏ ବଲ୍‌ରେ ୩ଟି ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ବୈଭବ ସୂର୍ଯ୍ୟବଂଶୀ ୩୮ଟି ବଲ୍‌ରୁ ୯୩ରନ୍ ସଂଗ୍ରହ କରି ଦଳ ବିଜୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଧ୍ରୁବ ଜୁରେଲ୍ ୫୩ରନ୍ ସଂଗ୍ରହ କରିଥିଲେ । ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପ୍ଲେ ଅଫ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏହି ପର୍ଯ୍ୟାୟରୁ ବାଦ୍ ପଡ଼ିଛନ୍ତି ।

ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । କୋଲକାତାର ଇଡେନ୍ ଗାର୍ଡେନ୍ସ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ସାତଟାରେ ଆରମ୍ଭ ହେବ ।